ସକାଳ THE SAKALA



www. sakalaepaper.com

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୪.୮୨ ● ପାଉଣ୍ଡ ୧୨୫.୧୨
- ୟୁରୋ ୧୦୭.୮୧ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୨୭,୩୦୦ (ଭୁବନେଶ୍ୱର)
- ରୁପା : ୨,୪୮,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୧,୯୪୭.୦୦
- ନିଫ୍ଟି ୨୨,୩୩୧.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଜିଡିପିକୁ ଲାଗିବ ଯୁଦ୍ଧ ଝଟ୍‌କା

## ଭାରତ ପାଇଁ ଅଭିବୃଦ୍ଧି ପୂର୍ବାନୁମାନ କମାଇଲା ଇଆଣ୍ଡୱାଇ

**ନୂଆଦିଲ୍ଲୀ,୩୧।୩(ଏଜେନ୍ସି):** ମଧ୍ୟ ପ୍ରାଚ୍ୟରେ ଜାରି ଉତ୍ତେଜନା ଦିନକୁ ଦିନ ବିପଦଜନକ ହେବାରେ ଲାଗିଛି। ଯଦି ଇରାନ ଯୁଦ୍ଧ ଆସନ୍ତା ଆର୍ଥିକବର୍ଷ ପର୍ଯ୍ୟନ୍ତ ଜାରି ରହେ, ତେବେ ଭାରତର ପ୍ରକୃତ ମୋଟ ଘରୋଇ ଉତ୍ପାଦ ( ଜିଡିପି) ଅଭିବୃଦ୍ଧି ପ୍ରାୟ ୧% ହ୍ରାସ ପାଇପାରେ, ଯେତେବେଳେ କି ଖୁଚୁରା ମୁଦ୍ରାସ୍ଫୀତି ପ୍ରାୟ ୧.୫% ବୃଦ୍ଧି ପାଇପାରେ। ଏହି ସୂଚନା ଇଆଣ୍ଡୱାଇ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି।



ଖୁଚୁରା ମୁଦ୍ରାସ୍ଫୀତି ୧.୫% ବଢ଼ିଯିବ

ଇଆଣ୍ଡୱାଇର ଇକୋନୋମି ୱାଚ୍ ରିପୋର୍ଟ ଅନୁଯାୟୀ, ନିଯୁକ୍ତି-ସଘନ କ୍ଷେତ୍ର ଯେପରିକି ବୟନଶିଳ୍ପ, ରଙ୍ଗ, ରାସାୟନିକ ପଦାର୍ଥ, ସାର, ସିମେଣ୍ଟ ଏବଂ ଟାୟାର ସିଧାସଳଖ ପ୍ରଭାବିତ ହୋଇପାରେ। ଏହି କ୍ଷେତ୍ରଗୁଡ଼ିକରେ ନିଯୁକ୍ତି କିମ୍ବା ଆୟ ହ୍ରାସ ସାମଗ୍ରିକ ଚାହିଦାକୁ ଦୁର୍ବଳ କରିପାରେ। ରିପୋର୍ଟରେ କୁହାଯାଇଛି ଯେ ବିଶ୍ୱ ତୈଳ ବଜାରରେ ଉତ୍ଥାନ-ପତନ ଯୋଗାଣ ଏବଂ ଚାହିଦା ଉଭୟକୁ ନକାରାତ୍ମକ ଭାବରେ ପ୍ରଭାବିତ କରିପାରେ। ଭାରତ ଏହାର ଅଶୋଧିତ ତୈଳ ଆବଶ୍ୟକତାର ପ୍ରାୟ ୯୦% ଆମଦାନୀ କରେ ଏବଂ ପ୍ରାକୃତିକ ଗ୍ୟାସ ଏବଂ ସାର ପାଇଁ ଆମଦାନୀ ଉପରେ ମଧ୍ୟ ବହୁଳ ଭାବରେ ନିର୍ଭର କରେ। ତେଣୁ, ଭାରତୀୟ ଅର୍ଥନୀତି ଏପରି ବାହ୍ୟ ଝଟ୍‌କାକୁ ନେଇ ଅଧିକ ସମ୍ବେଦନଶୀଳ। ଅଶୋଧିତ ତୈଳ ଏବଂ ଶକ୍ତି ମଧ୍ୟରେ ଦୃଢ଼ ସମ୍ପର୍କ ଯୋଗୁଁ ଏହାର ପ୍ରଭାବ ଅନେକ କ୍ଷେତ୍ରକୁ ବ୍ୟାପିପାରେ। ରିପୋର୍ଟ ଅନୁଯାୟୀ, ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ବିଶ୍ୱ ଅଶୋଧିତ ତୈଳ ଏବଂ ଶକ୍ତି ବଜାରକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ପ୍ରଭାବିତ କରିଛି। ଏହା ଏକ ବଡ଼ ଯୋଗାଣ ସମସ୍ୟା ଉପୁଜାଇବା ସହ ସଂରକ୍ଷଣ, ପରିବହନ ଏବଂ ମୂଲ୍ୟକୁ ପ୍ରଭାବିତ କରିଛି। ଯଦିଓ ଯୁଦ୍ଧ ଶୀଘ୍ର ଶେଷ ହୁଏ, ହେଲେ ଏହି ବାଧାଗୁଡ଼ିକ ସ୍ୱାଭାବିକ ହେବାକୁ ଅଧିକ ସମୟ ଲାଗିପାରେ।

ଇଆଣ୍ଡୱାଇ କହିଛି ଯେ ଯଦି ଇରାନ ଯୁଦ୍ଧର ପ୍ରଭାବ ଆର୍ଥିକ ବର୍ଷ ୨୦୨୬-୨୭ ପର୍ଯ୍ୟନ୍ତ ଜାରି ରହେ, ତେବେ ଭାରତର ପ୍ରକୃତ ଜିଡିପି ଅଭିବୃଦ୍ଧି ହାରରେ ପ୍ରାୟ ୧ ପ୍ରତିଶତ ହ୍ରାସ ପାଇପାରେ, ଯେତେବେଳେ କି ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ଆଧାରିତ ମୁଦ୍ରାସ୍ଫୀତି ହାର ପ୍ରାୟ ୧.୫ ପ୍ରତିଶତ ବୃଦ୍ଧି ପାଇପାରେ। ଫେବୃଆରୀ ରିପୋର୍ଟରେ, ଇଆଣ୍ଡୱାଇ ଆକଳନ କରିଥିଲା ଯେ ୨୦୨୬-୨୭ ପାଇଁ ଭାରତର ଜିଡିପି ଅଭିବୃଦ୍ଧି ୬.୮%ରୁ ୭.୨ ପ୍ରତିଶତ ମଧ୍ୟରେ ରହିବ। ଇଆଣ୍ଡୱାଇ ଅନୁଯାୟୀ, ଏହି ପରିସ୍ଥିତିର ସମାଧାନ ପାଇଁ, ସରକାରଙ୍କୁ ଏକ ଦୃଢ଼ ପ୍ରତି-ଚକ୍ରୀକରଣ ନୀତି ଗ୍ରହଣ କରିବାକୁ ପଡ଼ିପାରେ। ଏଥିପାଇଁ ବଡ଼ ଏବଂ ଶିଳ୍ପୋନ୍ନତ ରାଜ୍ୟଗୁଡ଼ିକର ବଡ଼ ଯୋଗଦାନ ଆବଶ୍ୟକ ହେବ।

# ଓଡ଼ିଶା ପ୍ରତି ପ୍ରତିବଦ୍ଧତାକୁ ଦୋହରାଇଛି ବେଦାନ୍ତ ଆଲୁମିନିୟମ୍

**ଭୁବନେଶ୍ୱର, ୩୧।୩(ସମିସ):** ଓଡ଼ିଶାରେ ୧୦୦% ମୂଲ୍ୟ ସଂଯୋଜନ କରୁଥିବା ଭାରତର ବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଉତ୍କଳ ଦିବସ ଅବସରରେ ରାଜ୍ୟ ପ୍ରତି ଏହାର ଦୀର୍ଘକାଳୀନ ପ୍ରତିବଦ୍ଧତା ଘୋଷଣା କରିଛି। ପାଇପଲାଇନରେ ୧.୮ ଲକ୍ଷ କୋଟିର ଯୋଜନାବଦ୍ଧ ନିବେଶ ଏବଂ ପୂର୍ବରୁ ୧ ଲକ୍ଷ କୋଟିରୁ ଅଧିକ ନିବେଶ ସହ କମ୍ପାନି ଆଜି ପର୍ଯ୍ୟନ୍ତ ୫ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି କରିଛି। ଆଲୁମିନିୟମ, ଲୁହା ଖଣିଜ, ବିଦ୍ୟୁତ ଓ ସଂପୃକ୍ତ ବ୍ୟବସାୟ ସହ ବେଦାନ୍ତର ଓଡ଼ିଶାର କାର୍ଯ୍ୟ ଗୁଡ଼ିକ ବାର୍ଷିକ ରାଜକୋଷରେ ଟ.୯୦୦୦ କୋଟିରୁ ଅଧିକ ଅବଦାନ ରଖି ଆସିଛି ଓ ରାଜ୍ୟ ଜଡିପିକୁ ୩% ଅବଦାନ ଯୋଗାଏ। କମ୍ପାନି ରାଜ୍ୟରେ ସଂପୂର୍ଣ୍ଣ ସମନ୍ୱିତ ବିଶ୍ୱସ୍ତରୀୟ ଆଲୁମିନିୟମ ସମ୍ପତି ପରିଚାଳନା କରେ, ଯାହା ବକ୍ସାଇଟ ଠାରୁ ଆରମ୍ଭ କରି ସମାପ୍ତ ଆଲୁମିନିୟମ ଉତ୍ପାଦ ଯାଏ ମୂଲ୍ୟ ଶୃଙ୍ଖଳକୁ ବିସ୍ତାର କରେ।



ଝାରସୁଗୁଡ଼ାରେ ବୃହତ ଆଲୁମିନିୟମ ପ୍ଲାଂଟ ଏହା ୧.୮ ଏମଟିପିଏ ଓ ଲାଞ୍ଜିଗଡ଼ରେ ୫ ଏମଟିପିଏ ଆଲୁମିନା ରିଫାଇନାରୀକୁ ପରିଚାଳିତ କରୁଥିବାବେଳେ ବିଶ୍ୱ ଆଲୁମିନା ଯୋଗାଣରେ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତି ମଧ୍ୟରୁ ଅନ୍ୟତମ।

# ଯୁଦ୍ଧରେ ଆବୁଧାବି ଷ୍ଟକ୍ ବଜାରରୁ ଉଡ଼ିଗଲା ୧୨୦ ବିଲିୟନ ଡଲାର

**ନୂଆଦିଲ୍ଲୀ,୩୧।୩(ଏଜେନ୍ସି):** ଇରାନ ଉପରେ ଆମେରିକା- ଇସ୍ରାଏଲର ଆକ୍ରମଣ ପରଠାରୁ ସମଗ୍ର ଦୁନିଆରେ ସୃଷ୍ଟି ହୋଇଛି ଶକ୍ତି ସଙ୍କଟ। ତେଲ ଠାରୁ ଆରମ୍ଭ କରି ଗ୍ୟାସ ଯୋଗାଣ, ସବୁଥିରେ ଉପୁଜିଛି ବାଧା। ଫଳରେ ଏବେ ଚିନ୍ତାରେ ଅନେକ ଦେଶ। ଖାଲି ସେତିକି ନୁହେଁ ବିଶ୍ୱର ଅନେକ ଦେଶର ଷ୍ଟକ୍ ବଜାରର ସ୍ଥିତି ବି ବେହାଲ। ସେୟାର ବଜାର କ୍ରାସ ହେବା ଯୋଗୁ କୋଟି କୋଟି ଟଙ୍କା ହରାଇଲେଣି ନିବେଶକ। ଠିକ୍ ଏହାରି ମଧ୍ୟରେ ସଂଯୁକ୍ତ ଆରବ ଏମିରେଟ୍ସର ଦୁବାଇ ଏବଂ ଆବୁଧାବି ଷ୍ଟକ୍ ବଜାରକୁ ନେଇ ଆସିଛି ତଥ୍ୟ। ଯୁଦ୍ଧ ଆରମ୍ଭ ହେବା ପରଠାରୁ ଦୁବାଇ ଏବଂ ଆବୁଧାବି ଷ୍ଟକ୍ ବଜାର ପ୍ରାୟ ୧୨୦ ବିଲିୟନ ଡଲାର କ୍ଷତି ସହିଲାଣି। ଏହା ସହ ଯୁଦ୍ଧ ଯୋଗୁ ବିଶ୍ୱବ୍ୟାପୀ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ବଜାରରେ ସାମିଲ ହୋଇଛନ୍ତି ଏହି ଦୁଇ ଷ୍ଟକ ମାର୍କେଟ। ସୂଚନା ଅନୁସାରେ, ଫେବ୍ରୁଆରୀ ୨୮ରେ ଆମେରିକା ଏବଂ ଇସ୍ରାଏଲ, ଇରାନ ବିରୁଦ୍ଧରେ ଯୁଦ୍ଧ ଆରମ୍ଭ କରିବା ପରଠାରୁ ଦୁବାଇ ଏବଂ ଆବୁଧାବିର ବେଞ୍ଚମାର୍କ ସୂଚକାଙ୍କ ଯଥାକ୍ରମେ ପ୍ରାୟ ୧୬ ପ୍ରତିଶତ ଏବଂ ୯ ପ୍ରତିଶତ ହ୍ରାସ ପାଇଛି। ସେହିଭଳି ଦୁବାଇ ଫାଇନାନ୍ସିଆଲ୍ ମାର୍କେଟ (ଡିଏଫ୍ଏମ୍) ଜେନେରାଲ ଇଣ୍ଡେକ୍ସର ମାର୍କେଟ କ୍ୟାପିଟାଲାଇଜେସନ ବା ବଜାର ପୁଞ୍ଜି ପ୍ରାୟ ୪୫ ବିଲିୟନ ଡଲାର ହ୍ରାସ ପାଇଛି। ଏତାଛଡା କତାର ଏବଂ ବାହାରିନ୍‌ର ଆର୍ଥିକ ବଜାର ମଧ୍ୟ ଯଥାକ୍ରମେ ପ୍ରାୟ ୪ ଏବଂ ୭ ପ୍ରତିଶତ ହ୍ରାସ ପାଇଛି।

# ମଧ୍ୟପ୍ରାଚ୍ୟ ସଙ୍କଟ

## ୟୁରୋପରେ ଖେଳିଲାଣି ଆତଙ୍କ

# ଆମେରିକାରେ ମାନ୍ଦାବସ୍ଥାର ପଦଧ୍ୱନି

**ନୂଆଦିଲ୍ଲୀ,୩୧।୩(ଏଜେନ୍ସି):** ଇରାନ ଯୁଦ୍ଧ ଗୋଟିଏ ମାସରୁ ଅଧିକ ସମୟ ଧରି ଚାଲିଛି। ଏହା ଏବେ ଶେଷ ହେବାର କୌଣସି ସଙ୍କେତ ଦେଖାଯାଉନାହିଁ। ମଧ୍ୟ ପ୍ରାଚ୍ୟ ଉତ୍ତେଜନାର ତାତି ଏବେ ଆମେରିକା ଏବଂ ୟୁରୋପରେ ଅନୁଭୂତ ହେବାରେ ଲାଗିଛି। ଏହାର ପ୍ରଭାବରେ ୨୦୨୨ ପରେ ପ୍ରଥମ ଥର ପାଇଁ ଆମେରିକାରେ ପେଟ୍ରୋଲର ମୂଲ୍ୟ ପ୍ରତି ଗ୍ୟାଲନ ୪ ଡଲାର ଅତିକ୍ରମ କରିଛି। ତେଣୁ ଇରାନ ଯୁଦ୍ଧର ନିଆଁ ଏବେ ଆମେରିକା ଏବଂ ୟୁରୋପୀୟ ଦେଶଗୁଡ଼ିକୁ ଗ୍ରାସ କରୁଛି। ଏଥିଯୋଗୁ ଆମେରିକାରେ ମାନ୍ଦାବସ୍ଥାର ସଙ୍କେତ ବଢୁଛି, ଯେତେବେଳେ କି ୟୁରୋପରେ ମଧ୍ୟ ଏହାକୁ ନେଇ ଆତଙ୍କ ଖେଳିଗଲାଣି। ଏହାର ସବୁଠାରୁ ବଡ଼ କାରଣ ହେଉଛି ଅଶୋଧିତ ତୈଳ ମୂଲ୍ୟରେ ବୃଦ୍ଧି। ହରମୁଜ୍ ପ୍ରଣାଳୀ ଦେଇ ପରିବହନ ବନ୍ଦ ହେବା ତେଲ ଏବଂ ଗ୍ୟାସ ଯୋଗାଣକୁ ପ୍ରଭାବିତ କରିଛି। ଏହା ବିଶ୍ୱର ଅନେକ ଦେଶରେ ଇନ୍ଧନ ମୂଲ୍ୟରେ ବୃଦ୍ଧି ଘଟାଇଛି। ଆମେରିକା ବିଶ୍ୱର ସବୁଠାରୁ ବଡ଼ ତୈଳ ଉତ୍ପାଦନକାରୀ ଦେଶ, କିନ୍ତୁ ସେଠାରେ ଇନ୍ଧନ ମୂଲ୍ୟ ମଧ୍ୟ ସମ୍ପ୍ରତି ସର୍ବାଧିକ ବୃଦ୍ଧି ପାଇଛି।

ଇତିମଧ୍ୟରେ ଆମେରିକାରେ ଅଶୋଧିତ ତୈଳ ମୂଲ୍ୟ ୧୦୨ ଡଲାର ଅତିକ୍ରମ କରିଛି। ଏହାସହିତ, ୨୦୨୨ ପରେ ପ୍ରଥମ ଥର ପାଇଁ ପେଟ୍ରୋଲର ମୂଲ୍ୟ ପ୍ରତି ଗ୍ୟାଲନ୍ ୪ ଡଲାର ଅତିକ୍ରମ କରିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉଭୟ କାର୍ଯ୍ୟକାଳ ମଧ୍ୟରେ ଏହା ପେଟ୍ରୋଲର ସର୍ବୋଚ୍ଚ ମୂଲ୍ୟ। ପଲିମାର୍କେଟର ଏକ ସର୍ଭେ ଅନୁଯାୟୀ, ଚଳିତ ବର୍ଷ ଶେଷ ସୁଦ୍ଧା ଆମେରିକୀୟ ଅର୍ଥନୀତି ମାନ୍ଦାବସ୍ଥାରେ ପଡ଼ିବାର ସମ୍ଭାବନା



୪୦ ପ୍ରତିଶତରେ ପହଞ୍ଚିଛି। ବିଶେଷଜ୍ଞମାନେ କହିଛନ୍ତି ଯେ ଲୋକମାନେ ଏହି ସମ୍ଭାବନା ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି ଯେ ସେମାନେ ପୂର୍ବରୁ ମାନ୍ଦାବସ୍ଥାରେ ଅଛନ୍ତି କିମ୍ବା ଶୀଘ୍ର ଏହାର ଆଶା କରୁଛନ୍ତି।

ଇରାନ ଯୁଦ୍ଧର ପ୍ରଭାବ ୟୁରୋପ ଏବଂ ଆମେରିକାରେ ମଧ୍ୟ ଅନୁଭୂତ ହେଉଛି। ୟୁରୋପର ସର୍ବବୃହତ ଅର୍ଥନୀତି ଜର୍ମାନୀର ଚାନ୍ସେଲର ଫ୍ରେଡ୍ରିଚ୍ ମର୍ଜ କହିଛନ୍ତି ଯେ ଯଦି ଇରାନରେ ଯୁଦ୍ଧ ଦୀର୍ଘ ସମୟ ଧରି ଜାରି ରହେ, ତେବେ ଏହାର ପ୍ରଭାବ ୟୁରୋପ ଏବଂ ଜର୍ମାନୀ ଉପରେ କୋଭିଡ୍-୧୯ ମହାମାରୀ ପରି ପଡ଼ିପାରେ। ୟୁରୋପରେ ଜେଟ୍ ଇନ୍ଧନର ମୂଲ୍ୟ ସମ୍ପ୍ରତି ୧୦୦ ପ୍ରତିଶତ ବୃଦ୍ଧି ପାଇଛି। ଆମେରିକା ଏବଂ ୟୁରୋପ ଉପସାଗରୀୟ ଦେଶଗୁଡ଼ିକରୁ ତେଲ ଏବଂ ଗ୍ୟାସ କମ୍ ଆମଦାନୀ କଲେ ମଧ୍ୟ ଏହି ପରିସ୍ଥିତି ସୃଷ୍ଟି ହେଉଛି। ଅପରପକ୍ଷେ ଇରାଡ୍ ଯୁଦ୍ଧ ଯୋଗୁ ଏସୀୟ ଦେଶଗୁଡ଼ିକ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ହର୍ମୁଜ୍ ପ୍ରଣାଳୀ ଦେଇ ଯାଉଥିବା ଅଧିକାଂଶ ତେଲ ଏବଂ ଗ୍ୟାସ ଏହି ଦେଶଗୁଡ଼ିକ ପାଇଁ ଉଦ୍ଦିଷ୍ଟ। ଏଭଳି ସମସ୍ୟାରେ ଫିଲିପାଇନ୍ସ ଏକ ଜାତୀୟ ଶକ୍ତି ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛି। ଫିଲିପାଇନ୍ସ ଏହାର ୯୮% ତେଲ ପଶ୍ଚିମ ଏସିଆରୁ ଆମଦାନୀ କରେ। ଫେବୃଆରୀ ୨୮ ପରଠାରୁ ଦେଶରେ ପେଟ୍ରୋଲ ମୂଲ୍ୟ ୧୦୦% ବୃଦ୍ଧି ପାଇଛି। ଫିଲିପାଇନ୍ସ ବ୍ୟତୀତ ଭିଏତ୍‌ନାମ, ସିଙ୍ଗାପୁର, ଦକ୍ଷିଣ କୋରିଆ, ତାଇୱାନ, ମାଲେସିଆ ଏବଂ ଥାଇଲ୍ୟାଣ୍ଡ ମଧ୍ୟ ପଶ୍ଚିମ ଏସିଆରୁ ସେମାନଙ୍କ ତେଲର ୭୦% ରୁ ଅଧିକ ଆମଦାନୀ କରନ୍ତି। ଭିଏତ୍‌ନାମର ୯୦% ଅଶୋଧିତ ତେଲ ମଧ୍ୟପ୍ରାଚ୍ୟରୁ ଆସିଥାଏ।

# ପ୍ରଥମ ୟୁଟିଲିଟି ଭାବେ ଡିଜିପିନ୍ ଆପଣାଇଲା ଟିପିସିଓଡିଏଲ୍





**ଭୁବନେଶ୍ୱର, ୩୧।୩(ସମିସ):** ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ଭାରତର ପ୍ରଥମ ପାୱାର ୟୁଟିଲିଟି ଭାବେ ଡିଜିପିନ୍ ବ୍ୟବସ୍ଥା ଆପଣାଇଛି। ଦେଶର ଏହି ଅତ୍ୟାଧୁନିକ ଡିଜିଟାଲ୍ ଆଡ୍ରେସିଂ ସିଷ୍ଟମକୁ ଗ୍ରହଣ କରି ଟିପିସିଓଡିଏଲ୍ ବିଦ୍ୟୁତ ବିତରଣ କ୍ଷେତ୍ରରେ ଡିଜିଟାଲ୍ ପବ୍ଲିକ ଇନଫ୍ରାଷ୍ଟ୍ରକ୍‌ଚର (ଡିପିଆଇ) ର ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ କରିଛି। ଭାରତୀୟ ଡାକ ବିଭାଗ ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଏବଂ ଆଇଆଇଟି ହାଇଦ୍ରାବାଦର ମିଳିତ ସହଯୋଗରେ ବିକଶିତ ଏହି ଡିଜିପିନ୍, ଜଟିଳ ଲାଟିଚ୍ୟୁଡ୍-ଲଙ୍ଗିଚ୍ୟୁଡ୍ ସ୍ଥାନାଙ୍କ ବଦଳରେ ଏକ ସରଳ ୧୦ ଅଙ୍କ ବିଶିଷ୍ଟ ଆଲଫାନିୟୁମେରିକ କୋଡ୍ ବ୍ୟବହାର କରେ। ଏହି ନୂତନ ବ୍ୟବସ୍ଥା ଦ୍ୱାରା ଅତି ସଠିକ ଏବଂ ସହଜ ଭାବେ ସ୍ଥାନ ଚିହ୍ନଟ କରାଯାଇପାରିବ; ଯାହାକି ସ୍ୱଳ୍ପ କନେକ୍ଟିଭିଟି ଥିବା ଅଞ୍ଚଳରେ ମଧ୍ୟ କାର୍ଯ୍ୟକ୍ଷମ ହେବ ଏବଂ ଶାସନ ବ୍ୟବସ୍ଥା ଓ ସେବା ପ୍ରଦାନ କ୍ଷେତ୍ରରେ ଏକ ପରିବର୍ତ୍ତନ ଆଣିବ। ଡିଜିପିନ୍ କୁ ଆପଣାଇବା ଆମ ପାଇଁ ଏକ ରଣନୈତିକ ପଦକ୍ଷେପ, ଯାହା ଆମର ଡିଜିଟାଲ୍ ବ୍ୟବସ୍ଥାକୁ ଅଧିକ ଶକ୍ତିଶାଳୀ କରିବ ବୋଲି ଟିପିସିଓଡିଏଲ ର ସିଇଓ ଅରଭିନ୍ଦ ସିଂହ କହିଛନ୍ତି।

# ୩୦ ହଜାର କର୍ମଚାରୀ ଛଟେଇ କରିବ ଓରାକେଲ୍

**ଭୁବନେଶ୍ୱର,୩୧।୩(ସମିସ):** ପଶ୍ଚିମ ଏସିଆ ସଙ୍କଟ ମଧ୍ୟରେ ଟେକ୍ନୋଲୋଜି କମ୍ପାନୀ ଓରାକେଲ୍ ବଡ଼ ଧରଣର ଛଟେଇ ଆରମ୍ଭ କରିଦେଇଛି। ଭାରତ ସମେତ ମେକ୍ସିକୋ ପର୍ଯ୍ୟନ୍ତ କମ୍ପାନୀ ନିଜ କର୍ମଚାରୀମାନଙ୍କୁ ତତ୍କାଳ ପ୍ରଭାବରେ ଛଟେଇ କରିଛି। ଏ ନେଇ ଏହାର କର୍ମଚାରୀମାନେ ସୋସିଆଲ୍ ମିଡିଆରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ସେମାନଙ୍କୁ ସକାଳ ୬ଟାରେ ମେସେଜ୍ ଓ ମେଲ୍ କରି ଛଟେଇ କରାଯାଇଥିବା ସେମାନେ ସୋସିଆଲ୍ ମିଡିଆରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ଓରାକେଲ ଛଟେଇ କରିବା ନେଇ ଗତ କିଛି ମାସ ହେଲା ଆଲୋଚନା ହେଉଥିଲା। ଏ ନେଇ କର୍ମଚାରୀମାନେ ପ୍ରମାଦ ଗୁଣୁଥିଲେ। ସତକୁ ସତ କମ୍ପାନୀ ଛଟେଇ ଆରମ୍ଭ କରିଛି। ଯଦିଓ କେତେ ଛଟେଇ ହେବ ତା'ର ସଠିକ୍ ରିପୋର୍ଟ ସାମ୍ନାକୁ ଆସିନାହିଁ, ତେବେ ୨୦ ରୁ ୩୦ ହଜାର କର୍ମଚାରୀ ଛଟେଇ କରାଯାଇଛି ବୋଲି ମିଡିଆରେ ରିପୋର୍ଟ ପ୍ରକାଶ ପାଇଛି। ଏହି ସଂଖ୍ୟା କମ୍ପାନୀର ମୋଟ ଶ୍ରମବଳ ୧ ଲକ୍ଷ ୬୨ ହଜାରର ୧୮ ପ୍ରତିଶତ। ଏ ସମ୍ପର୍କିତ ଅନଲାଇନରେ ହୋଇଥିବା ପୋଷ୍ଟ ଅନୁଯାୟୀ, କର୍ମଚାରୀଙ୍କୁ ଛଟେଇ କରିବା ପୂର୍ବରୁ କୌଣସି ପୂର୍ବ ସୂଚନା ଦିଆଯାଇ ନାହିଁ, କି ଏଚଆର ଆଲୋଚନା କିମ୍ବା ମ୍ୟାନେଜର କଲ୍ କରାଯାଇନାହିଁ। ଏହି ଇ-ମେଲ୍ ସିଧାସଳଖ ଓରାକଲ୍ ନେତୃତ୍ୱଙ୍କଠାରୁ ଆସିଥିଲା ବୋଲି ସୋସିଆଲ୍ ମିଡିଆରେ ପୋଷ୍ଟ କରି କର୍ମଚାରୀ କହିଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ନୋକିଆ ଏହାର ବିଶ୍ୱସ୍ତରୀୟ କର୍ମଚାରୀ ସଂଖ୍ୟା ୨୦ ପ୍ରତିଶତ ହ୍ରାସ କରିବ ବୋଲି ଆଶା କରାଯାଉଛି। ବର୍ତ୍ତମାନ ନୋକିଆର ୭୪,୦୦୦ ରୁ ଅଧିକ କର୍ମଚାରୀ ଅଛନ୍ତି। ଭାରତରେ ନୋକିଆର ପ୍ରାୟ ୧୭,୦୦୦ ରୁ ଅଧିକ କର୍ମଚାରୀ କାମ କରୁଛନ୍ତି। ଏକ ବ୍ୟାପକ ପୁନର୍ଗଠନ ଯୋଜନାରେ କମ୍ପାନୀ ପ୍ରାୟ ୧୪ ହଜାର ପର୍ଯ୍ୟନ୍ତ କର୍ମଚାରୀ ଛଟେଇ କରିପାରେ।

# ରେଙ୍ଗାଲିରେ ଆଦିତ୍ୟ ଆଲୁମିନିୟମ୍, ଲପଙ୍ଗା ଓ ବିରାଟ କୋଚିଂର ନୂଆ ଶାଖା

**ଭୁବନେଶ୍ୱର,୩୧।୩(ସମିସ):** ସାମାଜିକ ବିକାଶ ପ୍ରତି ନିରନ୍ତର ପ୍ରୟାସର ଅଂଶ ଭାବେ, ଆଦିତ୍ୟ ଆଲୁମିନିୟମ୍, ଲପଙ୍ଗା ଓ ବିରାଟ କୋଚିଂର ଅନ୍ୟ ଏକ ଶାଖା ଭିଏସଏସ ଆଇଟିଆଇ, ରେଙ୍ଗାଲିଠାରେ ପ୍ରତିଯୋଗିତାମୂଳକ ପରୀକ୍ଷାର ଶିକ୍ଷା ପ୍ରଦାନ ପାଇଁ ଖୋଲାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଆଦିତ୍ୟ ଆଲୁମିନିୟମ କାରଖାନାର ମୁଖ୍ୟ ପରିଚାଳକ ଜଗନ୍ନାଥ ପ୍ରସାଦ ନାୟକ ଓ ବିରାଟ କୋଚିଂର ପ୍ରତିନିଧି ରାହୁଲ ରାଜ, ରେଙ୍ଗାଲିର ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗଡତିଆ, ବ୍ଲକ ଅଧକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ସମିତି ସଭ୍ୟ ଅଶ୍ୱିନୀ ପଟେଲ,



ମୁରାରି ବିଶ୍ୱାଳ, ଶଶିଭୂଷଣ ସାହୁ, ସମ୍ବଲପୁର ଜିଲ୍ଲାର ବରିଷ୍ଠ ନାଗରିକ ମଞ୍ଚର ସଭାପତି ଅନ୍ତର୍ଯ୍ୟାମୀ ପାଣି, ରାଜୀବ ଲୋଚନ ମିଶ୍ର ଓ ଆଦିତ୍ୟ ଆଲୁମିନିୟମ୍,ଶିବ ମହାପାତ୍ର କ୍ଲଷ୍ଟର ମୁଖ୍ୟ ସିଏସଆର୍, ଭିଏସଏସ ଆଇଟିଆଇର ଅଧକ୍ଷ କମଳ ଲୋଚନ ଭୋଇ, ବୈଜ୍ଞାନିକ ଆଶିଷ ମହାନା, ଆର୍ଟ ଅଫ ଲିଭିଂର ରଞ୍ଜନ ସାହୁ ଉପସ୍ଥିତ ଥିଲେ।

# ରିଅଲ୍‌ମି ପି୪ ଲାଇଟ ୫ଜିର ବଜାର ପ୍ରବେଶ

**ମୁମ୍ବଇ,୩୧।୩:** ଲୋକପ୍ରିୟ ସ୍ମାର୍ଟଫୋନ ବ୍ରାଣ୍ଡ ରିଅଲମି ପକ୍ଷରୁ ସେଗ୍‌ମେଣ୍ଟର ଏକମାତ୍ର ୭୦୦୦ ଏମଏଏଚ ବ୍ୟାଟେରୀ ସ୍ମାର୍ଟଫୋନ ରିଅଲମି ପି୪ ଲାଇଟ ୫ଜି 'ଦ ସ୍ମୁଥ ୭୦୦୦ ଏମଏଏଚ ପାୟୋନିଅର'ର ଶୁଭାରମ୍ଭ ଘୋଷଣା କରାଯାଇଛି। ରିଅଲମି ପି୪ ଲାଇଟ ୫ଜିର ପ୍ରାରମ୍ଭିକ ମୂଲ୍ୟ ୧୧୪୯୯ ଟଙ୍କା ରହିଛି। ଏହି ସ୍ମାର୍ଟଫୋନରେ ୧୪୪ ଏଚଜେଡ ଅଲ୍‌ଟ୍ରା-ସ୍ମୁଥ ଡିସ୍‌ପ୍ଲେ ଓ ମିଡିଆଟେକ ଡାଇମେନସିଟି ୬୩୦୦ ୫ଜି ଚିପସେଟ ରହିଛି। ଫ୍ଲିପକାର୍ଟ, ଆମାଜନ ଏବଂ ଅଫ୍‌ଲାଇନ ଷ୍ଟୋରଗୁଡିକରେ ୧୫୦୦ ଟଙ୍କା ପର୍ଯ୍ୟନ୍ତ ଅଫର୍ ସହିତ ଏହି ସ୍ମାର୍ଟଫୋନର ପ୍ରଥମ ସେଲ ଆସନ୍ତା ମାର୍ଚ୍ଚ ୨୫ ତାରିଖ ଦିନ ୧୨ଟାରୁ ମଧ୍ୟରାତ୍ରି ପର୍ଯ୍ୟନ୍ତ ଚାଲିବ। ଏହା ଆକର୍ଷଣୀୟ ମୋଜାଇକ ଗ୍ରୀନ ଓ ମୋଜାଇକ ବ୍ଲୁ କଲର ବିକଳ୍ପରେ ଉପଲବ୍ଧ। ଏହାବ୍ୟତୀତ ଗୋଟିଏ ଥର ଚାର୍ଜ ହେଲେ ଏହି ସ୍ମାର୍ଟଫୋନ ୧.୪୭ ଦିନର ବ୍ୟବହାର ପ୍ରଦାନ କରିଥାଏ। ଏହି ସ୍ମାର୍ଟଫୋନ ୪ଜିବି+୬୪ଜିବି, ୪ଜିବି+୧୨୮ଜିବି, ୬ଜିବି+୧୨୮ ଜିବି ଭାରିଆଣ୍ଟରେ ଉପଲବ୍ଧ ହେବ।





# ଗିପ୍ଟରେ ଜାତୀୟ ସମ୍ମିଳନୀ



**ଭୁବନେଶ୍ୱର, ୩୧।୩(ସମିସ):** ଭୁବନେଶ୍ୱରର ଗିପ୍ଟ ସ୍ୱୟଂଶାସିତ ଏମ୍‌ବିଏ ବିଭାଗର ସମ୍ମିଳନୀ କକ୍ଷରେ "କର୍ମକ୍ଷେତ୍ରରେ ଭବିଷ୍ୟତ : ଚ୍ୟାଲେଞ୍ଜ" ବିଷୟବସ୍ତୁ ଉପରେ ଏକ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଅଧିବେଶନରେ ସମ୍ମାନିତ ଅତିଥି ଭାବେ ଇଂ. ସୀମର ରଞ୍ଜନ ପଣ୍ଡା (ଓଏସ୍‌ଡି), ଡଃ. ତ୍ରିଲୋଚନ ସାହୁ (ଅଧକ୍ଷ), ଡଃ. ରତିକାନ୍ତ ଦାଶ (କନଫରେନ୍ସ ଚେୟାର), ସୁନୀଲ କୁମାର ମହାପାତ୍ର (ସିଜିଏମ୍,ନାଲ୍‌କୋ), ମୁଖ୍ୟ ବକ୍ତା ଭାବରେ ପ୍ରଫେସର ଏଲ୍.କେ. ଜେନା (ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟ), ମୁଖ୍ୟ ଅତିଥି ଭାବରେ ଡଃ. ଦେବବ୍ରତ ଦାଶ (ସିନିୟର ଭିପି ଏବଂ ସିଏଚ୍‌ଆର୍‌ଓ, ଏଏମ୍‌ଏନ୍‌ଏସ୍) ପ୍ରମୁଖ ଉପସ୍ଥିତ ଥିଲେ। ସମାବେଶକୁ ସମ୍ବୋଧିତ କରି ଶ୍ରୀ ମହାପାତ୍ର ଗୁରୁତ୍ୱାରୋପ କରିଥିଲେ ଯେ ଦ୍ରୁତ ପ୍ରଯୁକ୍ତିବିଦ୍ୟା ପ୍ରଗତି ଯୋଗୁଁ କ୍ଷେତ୍ର-ନିର୍ଦ୍ଦିଷ୍ଟ ଚାକିରି ଭୂମିକା ନିରନ୍ତର ବିକଶିତ ହେଉଛି। ସେ ଉଲ୍ଲେଖ କରିଥିଲେ ଯେ ସଂଗଠନଗୁଡ଼ିକୁ ଦକ୍ଷତାକୁ ଉନ୍ନତ କରି ଏବଂ କାର୍ଯ୍ୟ ଢ଼ାଂଚାକୁ ପୁନଃପରିଭାଷିତ କରି ଏହି ପରିବର୍ତ୍ତନଗୁଡ଼ିକ ସହିତ ଖାପ ଖୁଆଇବାକୁ ପଡ଼ିବ। ଉଦ୍‌ଯାପନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ସନ୍ଦୀପ ପଟ୍ଟନାୟକ, ନିର୍ଦ୍ଦେଶକ (ଏଚ୍‌ଆର୍),ଓଏଚ୍‌ପିସି , ଅଂଶଗ୍ରହଣକାରୀମାନଙ୍କୁ ସମ୍ବୋଧିତ କରିଥିଲେ ଏବଂ ପ୍ରମାଣପତ୍ର ଏବଂ ପୁରସ୍କାର ବଣ୍ଟନ କରିଥିଲେ।

# ଓଡ଼ିଶାର ହକି ଐତିହ୍ୟକୁ ବୃଦ୍ଧି କରିଛି ବେଦାନ୍ତ

## କଳିଙ୍ଗ ଲାନ୍ସର୍ସର ଏଚଆଇଏଲ୍ ଟାଇଟଲ୍ ବିଜୟ

**ଭୁବନେଶ୍ୱର,୩୧।୩(ସମିସ):** ଓଡ଼ିଶା ତା'ର ୯୦ତମ ପ୍ରତିଷ୍ଠା ଦିବସ ପାଳନ କରିବାକୁ ପ୍ରସ୍ତୁତ ହେଉଛି। ଚଳିତ ବର୍ଷ ପ୍ରାରମ୍ଭରେ ବେଦାନ୍ତ କଳିଙ୍ଗ ଲାନ୍ସର୍ସର ହକି ଇଣ୍ଡିଆ ଲିଗ୍ ଟାଇଟଲ୍ ରାଜ୍ୟର ହକି ସଂସ୍କୃତି ଏବଂ ଜାତୀୟ ଖେଳରେ ଏହାର ନିରନ୍ତର ଅବଦାନ ପ୍ରତି ଧ୍ୟାନ ଆକର୍ଷଣ କରିଛି। ଗତ ଜାନୁଆରୀରେ ଅନୁଷ୍ଠିତ ହକି ଇଣ୍ଡିଆ ଲିଗର ଦ୍ୱିତୀୟ ସଂସ୍କରଣରେ ଲାନ୍ସର୍ସ ଚାମ୍ପିଅନ୍ ହୋଇଥିଲା। ଏହି ସଫଳତାର ପଛରେ ଓଡ଼ିଆ ଖେଳାଳି ପ୍ରତାପ ଲାକ୍ରା, ଦୀପସାନ ତିର୍କୀ, ରୋହିତ କୁଲୁ, ରୋସାନ କୁଜୁର ଏବଂ ଅମିତ କେ. ଟପୋଙ୍କ ଅବଦାନ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ଏହି ଖେଳାଳିମାନେ ଜାତୀୟ ମଞ୍ଚରେ ପାଦ ଦେବା ପୂର୍ବରୁ ଘରୋଇ ମାଟିରେ ସେମାନଙ୍କର ଦକ୍ଷତାକୁ ସୁଦୃଢ଼ କରିଥିଲେ। ସୁନ୍ଦରଗଡ଼ ଏବଂ ରାଉରକେଲା ଭଳି ଜିଲ୍ଲାଗୁଡ଼ିକରେ ତୃଣମୂଳ ସ୍ତରରେ ହକି ଦୈନନ୍ଦିନ ଜୀବନର ଏକ ଅଂଶହୋଇ ରହିଛି। ଯେଉଁଠାରୁ ନିରନ୍ତର ଭାବେ ଯୁବ ଖେଳାଳିମାନେ ଲିଗ୍ ଏବଂ ଜାତୀୟ ଦଳରେ ସ୍ଥାନ ପାଇଆସୁଛନ୍ତି। ଏହି ଅବସରରେ ବଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ହକି ସହିତ ଓଡ଼ିଶାର ସମ୍ପର୍କ କ୍ଷେତ୍ର ବାହାରେ ବହୁ ଦୂରକୁ ଯାଇଛି, ଏହା ରାଜ୍ୟର ପରିଚୟ ଏବଂ ସମ୍ପ୍ରଦାୟର ଏକ ଅଂଶ। ଏହି ସିଜନରେ ବେଦାନ୍ତ କଳିଙ୍ଗ ଲାନ୍ସର୍ସର ସଫଳତା ସେହି ବନ୍ଧନର ଶକ୍ତି ଏବଂ ଏହି ଅଞ୍ଚଳରୁ ବାହାରିଆସୁଥିବା ପ୍ରତିଭାକୁ ପ୍ରତିଫଳିତ କରେ। ଆମେ ଓଡ଼ିଶା ଦିବସ ପାଳନ କରୁଥିବା ସମୟରେ, ଏହି ଯାତ୍ରାର କେନ୍ଦ୍ରବିନ୍ଦୁରେ ଥିବା ଲୋକମାନଙ୍କ ସହିତ ଏହି ସଫଳତାକୁ ଚିହ୍ନିତ କରିବା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ।



